# Akashvani, Sambalpur

## SAMBALPURI NEWS BULLETIN

### 27 August 2024- 6.47- 6.52 am.

**********************************************

ସୁଭଦ୍ରା ଯୋଜ୍‌ନା-ଗାଇଡ୍ ଲାଇନ୍ ଜାରି ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ସୁଭଦ୍ରା ଯୋଜ୍‌ନାର୍ ଗାଇଡ୍ ଲାଇନ୍ ଜାରି କରାଯାଇଛେ । ଗାଇଡ୍ ଲାଇନ୍ ଅନ୍‌ସାରେ ୨୦୨୪-୨୫ ବଛ୍‌ରେ ଗଲା ଜୁଲାଇ ୧ ତାରିଖ୍‌ତକ୍ ୨୧ ବଛର୍‌ନୁ ଅଏତ୍‌କା ଆର୍ ୬୦ ବଛର୍‌ନୁ କମ୍ ବୟସ୍ ହେଇଥିବା ମହିଳାମାନେ ସୁଭଦ୍ରା ଯୋଜ୍‌ନା ଲାଗି ଆବେଦନ୍ କରିପାର୍‌ବେ । ଆଧାର୍ କାର୍ଡ୍ ଥି ଥିବା ଜନମ୍ ତାରିଖ୍ ଗ୍ରହଣ୍ କରାଯିବା ବଲି ଗାଇଡ୍ ଲାଇନ୍‌ଥି ଦର୍ଶାଯାଇଛେ । ଗାଇଡ୍ ଲାଇନ୍ ଅନ୍‌ସାରେ ରାସନ୍‌କାର୍ଡ୍ ନାଇଁଥିଲେ ଭିଲ୍ ସୁଭଦ୍ରା ଯୋଜ୍‌ନା ଲାଗି ଆବେଦନ୍ କରାଯାଇପାର୍‌ବା । ହେଲେ ସେ ପରିବାର୍‌ର ଝନେ ମହିଳା ଆବେଦନ୍ ଲାଗି ଯୋଗ୍ୟ ହେବେ ବଲି ଜନାପଡ଼ିଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍ ଅନୁଗୁଲ୍ ଜିଲ୍ଲାର୍ ଆଠ୍ମଲ୍ଲିକ୍ ସବ୍ଡିଭିଜନ୍ ନ ୯୪ କୋଟି ୪୩ ଲାଖ୍ ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର ଲୋକାର୍ପଣ୍ ଆର୍ ଶିଲାନ୍ୟାସ୍ କରିଛନ୍ । କେନ୍ଦ୍ରମନ୍ତ୍ରୀ ବନ୍ମାଲୀପୁର୍ ଓଡ଼ିଶା ଆଦର୍ଶ ବିଦ୍ୟାଲୟର୍ ନୂଆଁ ଭବନ୍ ଆର୍ ଛାତ୍ରୀନିବାସ୍ର ଉଦ୍ଘାଟନ୍ କରିଥିଲେ । ଇ ଅବ୍ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଜନ୍ମାଷ୍ଟମୀର୍ ଲାଗି ଲୁକ୍କୁ ଅଭିନନ୍ଦନ୍ ଜନାବାର୍ ସହେତେ ଜାତୀୟ ଶିକ୍ଷାନୀତି ଆମର୍ ଶିକ୍ଷାକେ ରୁଟେଟ୍ ସହେତେ ପୁରଥିର୍ ଆବଶ୍ୟକତା ପୂରଣ୍ କର୍ବାର୍ ଆର୍ ନୂଆଁ ପିଢ଼ିକେ ଭବିଷ୍ୟତ୍ ଲାଗି ତୟାର୍ କର୍ବାର୍ ଉପ୍ରେ ଜୋର୍ ଦଉଛେ ବଲି କହିଥିଲେ ।

ଇ ଗସ୍ତ ଅବ୍ସରେ ରାନିଆକଟା ଆଦର୍ଶ ବିଦ୍ୟାଲୟର୍ ଛାତ୍ରୀନିବାସ, ଆଠ୍ମଲ୍ଲିକ୍ ଉପଖଣ୍ଡ ଡାକ୍ତର୍ଖାନାର୍ ଆଇପିଡି ଆର୍ ଓପିଡ଼ି, ଧଡ୍ରାନାଲା ସେତୁ, ଓରେଡ଼ା-କଦଲିଗଡ଼୍ ରାସ୍ତାକେ କେନ୍ଦ୍ରମନ୍ତ୍ରୀ ଉଦ୍ଘାଟନ୍ କରିଥିଲେ ।

ଏସ୍ଆଇଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ ଆର୍ଏନ୍ୟୁ କଟକ୍

ଦେଶ୍ ଆର୍ ଦେଶ୍ ବାହାରେ ଜମା ଥିବାର୍ କଲାଧନ୍ ଠାବ୍ କର୍ବାର୍କେ ଗଢ଼ାଯାଇଥିବାର୍ ଏସ୍ଆଇଟିର୍ ଗୁରୁତ୍ୱପୂର୍ଣ୍ଣ

ବୈଠକ୍ ଆଏବାକାଏଲ୍ କଟକ୍ ନ ହେବା । ସୁପ୍ରିମ୍‌କୋର୍ଟର ଆଘର୍ ବିଚାର୍‌ପତି ଆର୍ ଏସ୍‌ଆଇଟିର୍ ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କର୍ ଆବାସିକ କାର୍ଯ୍ୟାଲୟ ନ ସଖାଲର୍ ୧୦ ବଜୁ ବୈଠକ୍ ମୁଲ୍ ହେବା । ବୈଠକ୍‌ଥି ପ୍ରବର୍ତନ୍ ନିର୍ଦ୍ଦେଶାଳୟର୍ ନିର୍ଦ୍ଦେଶକ୍, ଆୟକର, ପ୍ରତ୍ୟକ୍ଷ ଟିକସ୍ ବୋର୍ଡ୍, ସିବିଆଇ, ରାଜ୍ୟ ପୁଲିସ୍ ଆର୍ ଖଣି ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ ବଲି ସୂଚ୍‌ନା ମିଲିଛେ ।

ଶୀତଲ୍‌ଭଣ୍ଡାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଫଲ୍, ପନିପରିବା, ଗୁରସ୍, ଗୁରସ୍‌ଜାତ ଦରବ୍‌କେ ସାଇତିବାର୍ ଲାଗି ରାଜ୍ୟର୍ ସବୁ ଜିଲ୍ଲା ଆର୍ ସବ୍‌ଡିଭିଜନ୍ ନ ଶୀତଲ୍ ଭଣ୍ଡାର୍ ଖୁଲାଯିବାର୍ ଲାଗି ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତା ନ ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ହେଇଥିବା ବୈଠକ୍‌ଥି ଆଲୋଚନା କରାଯାଇଛେ । ରାଜ୍ୟର୍ ଜଲ୍‌ବାୟୁ ଆଉ ପାଣିପାଗ ଅନ୍‌ସାରେ ଶୀତଲ୍‌ଭଣ୍ଡାର୍ ଥାପ୍‌ନା ଆଉ ଇତାର୍ ଖର୍ଚ୍ଚା ଆକଲନ୍ ବାବ୍‌ଦେ ଶ୍ରୀ ସିଂହଦେଓଙ୍କୁ ବିଶେଷଜ୍ଞମାନେ ସୂଚ୍‌ନା ଦେଇଥିଲେ । ଶୀତଲ୍‌ଭଣ୍ଡାର୍ ଥାପ୍‌ନା ଲାଗି ସର୍‌କାର୍ ୭୦ ପ୍ରତିଶତ୍‌ତକ୍ ରିହାତି ଦେଉଥିବାର୍‌ନୁ,

ଉଦ୍ୟୋଗୀମାନେ ଇତାର୍ ସୁଯୋଗ୍ ନେବାର୍ ଲାଗି ଶ୍ରୀ ସିଂହଦେଓ ପ୍ରସ୍ତାବ୍ ଦେଇଥିଲେ ।

ଅକ୍ଷୟ ଶକ୍ତି ଉତ୍ପାଦନ୍-ଶକ୍ତିମନ୍ତ୍ରୀ ଆର୍ଏନ୍ୟୁ /ସମ୍ବଲପୁର

ସବୁଜ ଶକ୍ତି ଚାଳିତ ଉଦ୍ୟୋଗ୍‌କେ ସର୍କାର୍ ପ୍ରୋତ୍ସାହନ୍ ଦଉଛନ୍ । ଖାସ୍ କରି ଆଲୁମିନିୟମ୍ ଶିଳ୍ପକ୍ଷେତ୍ର ନ ସବୁଜ ଶକ୍ତିର୍ ବେଭାର୍ କରିକରି ପରିବେଶ୍ ସୁରକ୍ଷାର୍ ଲାଗି ସର୍କାର୍ ଚେଷ୍ଟା ଚଲେଇଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁଟେ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ସେ ଇଟା କହିଛନ୍ । ବୈଠକ୍‌ଥି ପ୍ରକଳ୍ପ ଲାଗି ଖର୍ଚ୍ଚା ଆକଲନ୍, ବୈଷୟିକ ଜ୍ଞାନ୍ କୌଶଲ୍ ଆର୍ ଜାଗା ଚିହ୍ନଟ୍ କର୍‌ବାର୍ ବିଷେ ଉପ୍‌ରେ ଆଲୋଚନା ହେଇଥିଲା । ନୟାଗଡ୍ ସହେତେ ବର୍‌ଗଡ୍, ବଲାଙ୍ଗିର୍ ବାଗିର୍ ବହୁତ୍‌ଟେ ଜାଗା ନ ଅକ୍ଷୟ ଶକ୍ତି ପ୍ରକଳ୍ପ ଲାଗି ଭର୍‌ପୁର୍ ସୁଯୋଗ୍ ରହିଛେ । ଇତାର୍ ସଫଲ୍ ବେଭାର୍ ଉପ୍‌ରେ ବୈଠକ୍‌ଥି ସେ ଆଦାନୀ ଗ୍ରିନ୍ ଏନର୍ଜି ଗ୍ରୁପ୍‌ର ଅଧିକାରୀମାନ୍‌କର୍ ସହେତେ ଆଲୋଚନା କରିଥିଲେ ।

ଇଡ଼ି ନିର୍ଦ୍ଦେଶକ-ଓଡ଼ିଶାଗସ୍ତ          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରବର୍ତ୍ତନ୍ ନିର୍ଦ୍ଦେଶାଳୟ- ଇଡ଼ିର୍ ନିର୍ଦ୍ଦେଶକ ରାହୁଲ୍ ନବୀନ୍ ଆଏଜ୍ ଉପର୍ବେଲା ୩ ଦିନିଆ ଓଡ଼ିଶା ଗସ୍ତ ନ ଆସ୍ବେ । ସେ ପୁରୀ ଶ୍ରୀମନ୍ଦିର୍ ଯାଇକରି ମହାପ୍ରଭୁଙ୍କର୍ ଦର୍ଶନ୍ କର୍ବେ । ଇ ଗସ୍ତ ସମିଆଥି ସେ ଆଏବା କାଏଲ୍ କଟକ୍ ଆର୍ ଭୁବ୍ନେଶ୍ୱର୍ ନ ବିଭାଗୀୟ ଅଧିକାରୀମାନ୍କର୍ ସାଙ୍ଗେ ସମୀକ୍ଷା ବୈଠକ୍ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଆଏବା ଗୁରୁବାର୍ ଦିନ ସେ ଭୁବ୍ନେଶ୍ୱର୍ ଇଡ଼ି କାର୍ଯ୍ୟାଳୟ ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ଥି ଯୋଗ୍ ଦେବେ ।

ଇଂଟିଗ୍ରେଟେଡ୍ -ବିଏଡ୍          ଆର୍ଏନ୍ୟୁ /ସମ୍ବଲପୁର

ଇଂଟିଗ୍ରେଟେଡ୍ ବିଏଡ୍ ଆର୍ ଏମ୍ଏଡ୍ ପାଠ୍ୟକ୍ରମ୍ ଲାଗି ଗଲାକାଏଲ୍ନୁ ମୁଲ୍ ହେଇଥିବାର୍ ଆବେଦନ୍ କାମ୍ ଆଏବା ମାସର୍ ୫ ତାରିଖ୍ତକ୍ ଚାଲ୍ବା । ସେପ୍ଟେମ୍ବର୍ ୫ ତାରିଖ୍ ଦିନ କମନ୍ ଆପ୍ଲିକେସନ୍ ଫର୍ମ ସୁଧ୍ରାବାର୍ ସୁଯୋଗ୍ ଦିଆଯିବା । ୧୨ ତାରିଖ୍ ଦିନ ପହେଲା ମେଧା ତାଲିକା ବାହାର୍ କରାଯିବା । ୧୨ ନୁ ୧୭ ତାରିଖ୍ତକ୍ ଚୟନ୍ ହେଇଥିବା ଶିକ୍ଷାର୍ଥୀମାନେ

ନାଁଲେଖା ଫି ଦାଖଲ୍ କର୍‌ବାର୍ ସହେତେ ସ୍ଲାଇଡ଼୍ ଅପ୍ ଅପ୍‌ସନ୍ ଦେଇପାର୍‌ବେ ।

ଆକାଂକ୍ଷା ଜିଲ୍ଲା - ସ୍ୱାସ୍ଥ୍ୟସେବା ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶର୍ ଶହେ ୧୨ ଟା ଆକାଂକ୍ଷା ଜିଲ୍ଲା ନ ଚାଲିଥିବାର୍ ସ୍ୱାସ୍ଥ୍ୟସେବା ଆଉ ପୁଷ୍ଟି କାର୍ଯ୍ୟକ୍ରମ୍‌ଥି କନ୍ଧମାଲ୍ ଜିଲ୍ଲା ଦେଶେ ପହେଲା ଠାନ୍ ଅଧିକାର୍ କରିଛେ । ନୀତି ଆୟୋଗ୍ ତର୍‌ଫୁ କରାଯାଇଥିବାର୍ ଡେଲ୍‌ଟା ରେଙ୍କିଂର ରିପୋର୍ଟ୍‌ନୁ ଇ ସୂଚ୍‌ନା ମିଳିଛେ । ଇ ମାନ୍ୟତା କନ୍ଧମାଲ୍ ଜିଲ୍ଲାର୍ ଲାଗି ଗର୍ବର୍ ବିଷେ ଆଉ ଆଗ୍‌କେ ଭିଲ୍ ଇ ଠାନ୍ ବଜାୟ ରଖିବାର୍ ଲାଗି ଉଦ୍ୟମ୍ ଜାରି ରହେବା ବଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ ପଣ୍ଡା କହିଛନ୍ ।

ନନ୍ଦୋତ୍ସବ୍ ଆର୍‌ଏନ୍‌ୟୁ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ଆନନ୍ଦ ଉଲ୍ଲାସ୍‌ଥି ନନ୍ଦୋତ୍ସବ୍ ମୁଲ୍ ହେବା । ମହାପ୍ରଭୁଙ୍କର୍ ସକାଳ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ଦେବୀ ସୁଭଦ୍ରା ଆଉ ଦେବୀ ଲକ୍ଷ୍ମୀଙ୍କର୍ ଷଠୀ ଏକାଦଶୀ

ପୂଜା କରାଯିବାର୍ ସହେତେ ସାତପାହାଚଥି ବିଜୁଳି କନ୍ୟାକେ ମାର୍‌ବାର୍ ନୀତି ହେବା । ଶ୍ରଦ୍ଧାଳୁମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ପୁଲିସ୍ ବିଭାଗ୍ ତରଫୁ ସୁରକ୍ଷା ବ୍ୟବସ୍ଥା ନିଆଯାଇଛେ । ଶ୍ରୀମନ୍ଦିର୍ ନ ପ୍ରଭୁ ଶ୍ରୀକୃଷ୍ଣଙ୍କର୍ ଜନ୍ମୋତ୍ସବ୍ ଗଲାକାଏଲ୍ ଅଧାରାତିଥି ପାରମ୍ପାରିକ୍ ରୀତିନୀତିଥି ପାଳିତ୍ ହେଇଯାଇଛେ ।

ସେନ୍ତା ଜନ୍ମାଷ୍ଟମୀର୍ ଆରଦିନ ଆଏଜ୍ ସମ୍ବଲ୍‌ପୁର୍ ସହେତେ ଭିନ୍ ଭିନ୍ ଜିଲ୍ଲା ନ ମନ୍ଦିର୍ ଆର୍ ମଠମାନ୍‌କେ ନନ୍ଦୋତ୍ସବ୍ ପାଲନ୍ ଲାଗି ଜବର୍ ଉସ୍‌ନାକି ଦେଖିବାର୍‌କେ ମିଲିଛେ । ଇଥିର୍‌ଲାଗି ଆଏଜ୍ ସଖାଲୁ ମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭିଡ୍ ଲାଗି ରହିଛେ ।